ଗୁଜରାଟ ରାଜ୍ୟ

ବନାମ

ରାଜେଶ କୁମାର ଚିମନଲାଲ ବାରୋଟ ଏବଂ ଅନ୍ୟଜଣେ

ଅଗଷ୍ଟ 5, 1996

[ଏସ୍.ପି. ଭରୁଚା ଏବଂ ଏସ୍.ସି. ସେନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଖାଉଟି ସୁରକ୍ଷା ଅଧିନିୟମ, 1986:*

*ଖାଉଟି ବିବାଦ ସମାଧାନ ମଞ୍ଚ - କ୍ଷେତ୍ରାଧିକାର - ରାଜ୍ୟ ଆୟୋଗ ଦ୍ୱାରା ବିବାଦର ବିଚାର, ଯାହା ମଞ୍ଚର ଅଧିକାର କ୍ଷେତ୍ରରେ ପଡ଼େ ନାହିଁ - ଏହାର ପ୍ରଭାବ - ଯଦି କୌଣସି ନ୍ୟାୟାଳୟର କ୍ଷେତ୍ରାଧିକାର ନଥାଏ, ତେବେ ଅପିଲ ଅଧୀନରେ ଆଦେଶକୁ ବଜାୟ ରଖିବା ଏବଂ ବାତିଲ କରିବା ଅପିଲିୟ ନ୍ୟାୟାଳୟର ଦାୟିତ୍ୱ ଅଟେ - ମୂଲ୍ୟ ନିର୍ଦ୍ଧାରଣ ସମ୍ବନ୍ଧୀୟ ପ୍ରଶ୍ନଟି "ଖାଉଟି ବିବାଦ ସମାଧାନ ମଞ୍ଚମାନଙ୍କ ଦ୍ୱାରା ବିଚାରର ପରିସର ମଧ୍ୟରେ ବୈଧଭାବେ ପଡୁନଥିବା" କଥାକୁ ଧ୍ୟାନରେ ରଖି, ଅପିଲ୍ ଅଧୀନ ଆଦେଶକୁ ବାତିଲ୍ କରାଯାଇଛି ଏବଂ ରାଜ୍ୟ ଆୟୋଗ ସମ୍ମୁଖରେ ଉତ୍ତରଦାତାମାନଙ୍କ ଦ୍ୱାରା କରାଯାଇଥିବା ଦାବିକୁ ଖାରଜ କରାଯାଇଛି ।*

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 10191/1996 ।

A. ନଂ. 160/1992ରେ ଜାତୀୟ ଖାଉଟି ବିବାଦ ସମାଧାନ ଆୟୋଗ, ନୂଆଦିଲ୍ଲୀର 25.8.93 ର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ୟଶାଙ୍କ ଆଧ୍ୟାରୁ ଏବଂ ସୁଶ୍ରୀ ଏଚ. ୱାହି ।

ଉତ୍ତରଦାତାମାନଙ୍କ ପାଇଁ ଏମ୍. ବାରୋଟ ଏବଂ ସୁଶ୍ରୀ ଏଚ୍. ଖାତୁନ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରାଗଲା ।

ଅନୁମତି ପ୍ରଦାନ କରାଗଲା ।

ରାଜ୍ୟ ଆୟୋଗଙ୍କ ଆଦେଶ ବିରୁଦ୍ଧରେ ପ୍ରଥମ ଅପିଲରେ ଜାତୀୟ ଖାଉଟି ବିବାଦ ସମାଧାନ ଆୟୋଗଙ୍କ ଦ୍ୱାରା ଅପିଲ ଅଧୀନରେ ଆଦେଶ ପାରିତ ହୋଇଛି ।

ଅପିଲ ଅଧୀନରେ ଥିବା ଆଦେଶ ଏହି ଶବ୍ଦଗୁଡ଼ିକ ସହିତ ଆରମ୍ଭ ହୁଏ:

"ଯଦିଓ ଅପିଲକାରୀଙ୍କ ପକ୍ଷରୁ ଉପସ୍ଥିତ ବିଦ୍ୱାନ ମହାଧିବକ୍ତା ଶ୍ରୀ ଠାକୁରଙ୍କ ଦ୍ୱାରା ଆଗତ ଯୁକ୍ତିରେ ଯଥେଷ୍ଟ ଦୃଢତା ରହିଛି ଯେ ମୂଲ୍ୟ ନିର୍ଦ୍ଧାରଣର ପ୍ରଶ୍ନଟି ଖାଉଟି ବିବାଦ ସମାଧାନ ମଞ୍ଚମାନଙ୍କ ବିଚାରର ପରିସର ମଧ୍ୟରେ ବୈଧଭାବେ ପଡୁନାହିଁ, କିନ୍ତୁ ମାମଲାର ବିଶିଷ୍ଟ ପ୍ରକୃତି ଓ ପରିସ୍ଥିତିକୁ ଧ୍ୟାନରେ ରଖି, ଯେଉଁଠାରେ କେବଳ ପ୍ରାୟ 10 ମାସର କ୍ଷୁଦ୍ର ଅବଧି ଜଡିତ ଅଛି ଏବଂ ସମ୍ପୃକ୍ତ ପକ୍ଷ ହେଉଛନ୍ତି ଗ୍ରାମ ପଞ୍ଚାୟତ, ଯାହା ତାଙ୍କର ବାସିନ୍ଦାମାନଙ୍କୁ ବୋର୍‌ୱେଲ୍ ମାଧ୍ୟମରେ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବହୃତ ବିଦ୍ୟୁତରେ ୟୁନିଟ୍ ପିଛା 25 ପଇସାର ରିହାତି ଦରର ସୁବିଧା ଦାବି କରୁଛି, ଆମେ ଏହି ସହାୟତାର ସୁବିଧା ପାଇବାରେ ପଞ୍ଚାୟତଙ୍କ ଅଧିକାରକୁ ସ୍ଥିର କରିଥିବା ରାଜ୍ୟ ଆୟୋଗଙ୍କ ଆଦେଶରେ ହସ୍ତକ୍ଷେପ କରିବାକୁ ଇଚ୍ଛୁକ ନୁହେଁ ।"

ଆମେ ଏହାକୁ ତର୍ଜମା କରିବା ଅତ୍ୟନ୍ତ କଷ୍ଟକର ମନେ କରୁ । ଯଦି କୌଣସି ନ୍ୟାୟାଳୟଙ୍କ ପାଖରେ କ୍ଷେତ୍ରାଧିକାର ନଥାଏ, ତେବେ ସେଥିରେ କ୍ଷେତ୍ରାଧିକାର ନଥାଏ, ଏହାର ସମ୍ବନ୍ଧ ନାହିଁ ଯେ ପକ୍ଷଗୁଡ଼ିକ ମଧ୍ୟରୁ କେହି ଗ୍ରାମ ପଞ୍ଚାୟତ ଅଟନ୍ତି କି, କିମ୍ବା ସମ୍ପୃକ୍ତ ସମୟ ଅତ୍ୟନ୍ତ ଛୋଟ କି, କିମ୍ବା ଜଡିତ ରାଶି ଅତ୍ୟନ୍ତ କମ୍ ଅଟେ । ଯଦି କୌଣସି ଅଦାଲତଙ୍କ ପାଖରେ କ୍ଷେତ୍ରାଧିକାର ନଥାଏ, ତେବେ ଏହା ଅପିଲିୟ ଅଦାଲତଙ୍କ କର୍ତ୍ତବ୍ୟ ଯେ ତାହାକୁ ବଜାୟ ରଖିବା ସହିତ ଅପିଲ୍ ଅଧୀନ ଆଦେଶକୁ ବାତିଲ୍ କରିଦେବେ ।

ଏହି ବିବାଦ "ବୈଧ ଭାବରେ ଖାଉଟି ବିବାଦ ସମାଧାନ ମଞ୍ଚ ଦ୍ୱାରା ବିଚାରର ପରିସର ମଧ୍ୟରେ ପଡ଼େ ନାହିଁ" ବୋଲି ତଥ୍ୟକୁ ଧ୍ୟାନରେ ରଖି ଅପିଲକୁ ଅନୁମତି ଦିଆଯାଇଛି, ଅପିଲ ଅଧୀନରେ ଥିବା ଆଦେଶକୁ ଅଗ୍ରାହ୍ୟ କରାଯାଇଛି ଏବଂ ରାଜ୍ୟ ଆୟୋଗଙ୍କ ସମ୍ମୁଖରେ ଉତ୍ତରଦାତାମାନଙ୍କ ଦ୍ୱାରା କରାଯାଇଥିବା ଦାବି ଖାରଜ ହୋଇଛି ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଆର୍.ପି. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର:*
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।